# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**1 August – 2025**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ଉପରାଷ୍ଟ୍ରପତି ନିର୍ବାଚନ ଆସନ୍ତା ମାସ ୯ ତାରିଖରେ ହେବା ନେଇ ନିର୍ବାଚନ ଆୟୋଗଙ୍କ ସୂଚନା
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ଣରେ ବସିବ ରାଜ୍ୟ କ୍ୟାବିନେଟ୍ ବୈଠକ
- ରାଜ୍ୟରେ ୩୮ଟି ଆଦର୍ଶ ମଣ୍ଡି ଖୋଲିବା ନେଇ ସରକାରଙ୍କ ନିଷ୍ପତ୍ତି
- ରଥକାଠର ଅଭାବ ପୂରଣ କରିବାକୁ ପ୍ରତି ପଞ୍ଚାୟତରେ ସ୍ଥାପନ ହେବ ଜଗନ୍ନାଥ ବାଟିକା

ଏବଂ

- ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ

# ଉପରାଷ୍ଟ୍ରପତି ନିର୍ବାଚନ

ଉପରାଷ୍ଟ୍ରପତି ନିର୍ବାଚନ ଆସନ୍ତା ମାସ ୯ ତାରିଖରେ ହେବା ନେଇ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ଘୋଷଣା କରାଯାଇଛି। ଏ ନେଇ ଆସନ୍ତା ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି। ଆସନ୍ତା ୨୧ ତାରିଖରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ପରେ ୨୨ ତାରିଖରେ ଯାଞ୍ଚ ଏବଂ ୨୫ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ ସ୍ଥିର କରାଯାଇଥିବା ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟା ସେପ୍ଟେମ୍ବର ୯ ତାରିଖ ଦିନ ସକାଳ ୧୦ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଗତକାଲି ଉପରାଷ୍ଟ୍ରପତି ନିର୍ବାଚନ ପାଇଁ  ଇଲୋକ୍ଟୋରାଲ କଲେଜର ପ୍ରସ୍ତୁତି ଶେଷ ହୋଇଥିଲା ।

ଉପରାଷ୍ଟ୍ରପତି ନିର୍ବାଚନପାଇଁ ସମ୍ବିଧାନର ଧାରା ୬୬ର ଉପଧାରା ୧ ଅନୁଯାୟୀ ଉଭୟ ରାଜ୍ୟସଭା ଓ ଲୋକସଭାର ସଦସ୍ୟଙ୍କଦ୍ୱାରା ନିର୍ବାଚିତ ହୋଇଥା'ନ୍ତି ।

ଗତ ୨୧ ତାରିଖରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ଏଲ୍‌ଏସ୍‌-ଆଡଜର୍ଣ୍ଣଡ୍‌

ବିରୋଧୀଦଳ ଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ ଜାରି ରହିବାରୁ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଆଜି ଦିନକ ପାଇଁ ମୁଲତବୀ

ରଖାଯାଇଛି । ଉଭୟ ଗୃହର ପରବର୍ତ୍ତୀ ଅଧିବେଶନ ଆସନ୍ତା ୪ ତାରିଖ ସୋମବାର ଦିନ ବସିବ।

ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ରାଜ୍ୟ ସଭାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ହଟ୍ଟଗୋଳ କରିଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଘନଶ୍ୟାମ ତିୱାରୀ ପ୍ରଶ୍ନକାଳ ଆରମ୍ଭ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନଥିଲା। ଫଳରେ ଶ୍ରୀ ତିୱାରୀ ରାଜ୍ୟସଭାକୁ ଆଜି ଦିନକ ପାଇଁ ମୁଲତବୀ ରଖିଥିଲେ।

ଲୋକସଭାକୁ ମଧ୍ୟ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ଓମ୍ ବିର୍ଲା ଆଜି ଦିନକ ପାଇଁ ମୁଲତବୀ ରଖିଛନ୍ତି। ଅପରାହ୍ଣ ୨ଟାରେ ପ୍ରଥମ ମୁଲତବୀ ପରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା।

ତେବେ ବିରୋଧୀ ସଦସ୍ୟମାନେ ପୂର୍ବଭଳି ବିହାରସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ଏବଂ ଅନ୍ୟ କେତେକ ପ୍ରସଙ୍ଗ ନେଇ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଅଚଳାବସ୍ଥା ଜାରି ରହିବାରୁ ବାଚସ୍ପତି ଶ୍ରୀ ବିର୍ଲା ଆଜି ଦିନକ ପାଇଁ ଗୃହକୁ ମୁଲତବୀ ରଖିଥିଲେ।

## ଆଦର୍ଶ ମଣ୍ଡି

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ମଣ୍ଡି ଖୋଲିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦର୍ଶ ମଣ୍ଡି ସ୍ଥାପନ ସମ୍ପର୍କରେ ସମୀକ୍ଷା କରିବା ପରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଆସନ୍ତାବର୍ଷ ସୁଦ୍ଧା ରାଜ୍ୟରେ ୩୮ଟି ଆଦର୍ଶ ମଣ୍ଡି ଖୋଲିବ। ଆବଶ୍ୟକତା ଅନୁଯାୟୀ, କେତେକ ସ୍ଥାନରେ ୨ଟି ଲେଖାଏଁ ମଣ୍ଡି ଖୋଲାଯିବ। ଅନ୍ୟ ପକ୍ଷରେ, ଚାଷୀମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ସହ ଆଦର୍ଶ ମଣ୍ଡିରେ ବିଶ୍ରାମାଗାର, ପାନୀୟ ଜଳ ଓ ପାର୍କିଂ ଭଳି ସୁବିଧା ଉପଲବ୍ଧ ହେବ।

## କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍ ବୈଠକ ଆଜି ଅପରାହ୍ଣରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ବ୍ୟାଙ୍କିଂ ଲ'

ବ୍ୟାଙ୍କିଙ୍ଗ୍ ଲ ବ୍ୟାଙ୍କିଙ୍ଗ୍ ନିୟମ ସଂଶୋଧନ୍ ଆଇନ୍ ୨୦୨୫ ଆଜିଠାରୁ ଦେଶବ୍ୟାପୀ ଲାଗୁ ହୋଇଛି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ପୁଞ୍ଜିନିବେଶକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍ ପ୍ରଣୟନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ

ସୂଚନା ଦେଇଛି। ଏହି ଆଇନ୍ ସମ୍ପର୍କିତ ବିଜ୍ଞପ୍ତି ଚଳିତ ବର୍ଷ ଏପ୍ରିଲ୍ ୧୫ ତାରିଖରେ ପ୍ରକାଶ ପାଇଥିଲା।

## ନୂଆ ୟୁ.ପି.ଆଇ. ନିୟମ

ଭାରତୀୟ ଜାତୀୟ ପୈଠ ନିଗମ ଆଜିଠାରୁ ୟୁ.ପି.ଆଇ. ଦେଣନେଣ କ୍ଷେତ୍ରରେ କେତେକ ପରିବର୍ତ୍ତନ କରିଛନ୍ତି । ଉପଭୋକ୍ତାମାନେ ଗୋଟିଏ ଦିନରେ ସର୍ବାଧିକ ୫୦ ଥର ବାଲାନ୍ସ ଯାଞ୍ଚ କରିବା ଏବଂ ୨୫ ଥର ବ୍ୟାଙ୍କ୍ ତଥ୍ୟ ଲାଗି ୟୁ.ପି.ଆଇ. ବ୍ୟବହାର କରିପାରିବେ । ଉପଭୋକ୍ତାମାନେ ସେମାନଙ୍କ ମୋବାଇଲ ନମ୍ବର ସହ ଲିଙ୍କ୍ ହୋଇଥିବା ବ୍ୟାଙ୍କଗୁଡ଼ିକର ତାଲିକା ଦେଖିପାରିବେ। ୟୁ.ପି.ଆଇ. ମାଧ୍ୟମରେ ପୈଠ କରୁଥିବା ବ୍ୟକ୍ତିଙ୍କ ପଞ୍ଜିକୃତ ନାମ ଉପଭୋକ୍ତା ଜାଣିପାରିବା ନେଇ ବ୍ୟବସ୍ଥା କରାଯାଇଛି। ବ୍ୟବହାରକାରୀମାନେ ନିଶ୍ଚିତ ନ ହୋଇଥିବା ପେମେଣ୍ଟ କ୍ଷେତ୍ରରେ ୩ ଥର ପେମେଣ୍ଟ ସ୍ଥିତି ଯାଞ୍ଚ କରିପାରିବେ। ଏଥିପାଇଁ ସର୍ବନିମ୍ନ ସମୟ ବ୍ୟବଧାନ ୯୦ ସେକେଣ୍ଡ ଧାର୍ଯ୍ୟ କରାଯାଇଛି।

## ଜଗନ୍ନାଥ ବାଟିକା-ରଥକାଠ

ରାଜ୍ୟର ପ୍ରତି ପଞ୍ଚାୟତରେ ଜଗନ୍ନାଥ ବାଟିକା ସ୍ଥାପନ ହେବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଜଗନ୍ନାଥ ବାଟିକା ରଥକାଠର ଅଭାବକୁ ପୂରଣ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଏ ନେଇ ପୁରୀ ଜିଲ୍ଲା ନିମାପଡା ବ୍ଲକ୍‌ରେ ୧୦୫ ଏକର ସରକାରୀ ଜମି ଚିହ୍ନଟ ହୋଇଥିବା ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତିମଣତି ନେଇ ଆଇବିଆଇର ଦୁଇଜଣ ବିଶେଷଜ୍ଞଙ୍କୁ ମନୋନୀତ କରାଯାଇଥିବା ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଖୁବ୍‌ଶୀଘ୍ର ପରିଚାଳନା କମିଟି ଗଠନ କରାଯିବ। କମିଟିର ଅନୁମତିକ୍ରମେ ଉଚ୍ଚସ୍ତରୀୟ କମିଟି ଭିତର ରତ୍ନଭଣ୍ଡାରକୁ ରତ୍ନଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ କରିବେ। ପରେ ତାରିଖ ନିର୍ଦ୍ଧାରଣ କରାଯାଇ ଆରବିଆଇର ବିଶେଷଜ୍ଞଙ୍କ ଉପସ୍ଥିତିରେ ଗଣତିମଣତି ଆରମ୍ଭ କରାଯିବ ବୋଲି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## - V/O - (ପୃଥ୍ୱୀରାଜ ହରିଚନ୍ଦନ)

## ଆସ ଯିବା ଅଙ୍ଗନୱାଡ଼ି

ରାଜ୍ୟରେ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ସ୍ତନ୍ୟପାନକୁ ପ୍ରାଥମିକତା ଦେବା ସହ ଏ ସମ୍ପର୍କିତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ଶିଶୁଙ୍କ ସଠିକ୍ ବୃଦ୍ଧିରେ ସହାୟକ ହେବା ସହ ଶିଶୁଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ମା’ କ୍ଷୀରର ପ୍ରମୁଖ ଭୂମିକା ରହିଥାଏ। ଏହାର ଗୁରୁତ୍ୱ ସମ୍ପର୍କରେ ଜନ ସଚେତନତା ସୃଷ୍ଟି

ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ରାଜ୍ୟରେ 'ଆସ ଯିବା ଅଙ୍ଗନୱାଡି' ଅଭିଯାନ ଆରମ୍ଭ ହେଉଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୂଚନା ଦେଇଛନ୍ତି ।

ଫୁସ୍‌ଫୁସ୍ କ୍ୟାନସର ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଫୁସ୍‌ଫୁସ୍ କ୍ୟାନ୍‌ସର ଦିବସ ମଧ୍ୟ ପାଳନ କରାଯାଉଛି ।

## ଭିତରକନିକା

ପର୍ଯ୍ୟଟକଙ୍କପାଇଁ ଆଜିଠାରୁ କେନ୍ଦ୍ରାପଡ଼ାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଖୋଲାଯାଇଛି। ପର୍ଯ୍ୟଟକମାନେ ପ୍ରଥମ ଥର ପାଇଁ ଭିତରକନିକାରେ ଲୁଣାଜାତୀୟ ଗଛର ଚାରାକୁ ହେନ୍ତାଳବଣ ନର୍ସରୀରେ ଦେଖିବା ସହିତ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ ପରିବେଶ ମଧ୍ୟରେ ବହି ପଢ଼ିବାର ସୁଯୋଗ ପାଇପାରୁଛନ୍ତି।

ଏହାଛଡ଼ା ସଂଗ୍ରହାଳୟର ମଜା ନେବା ସହ ଭିତରକନିକାର ଡାଙ୍ଗମାଳଠାରେ ୬ଟି ଫାଇବର ବୋଟ୍‌ରେ ନୌବିହାରର ମଜା ନେଉଛନ୍ତି। ପୂର୍ବବର୍ଷ ଭଳି ଚଳିତ ବର୍ଷ ପଲିଥିନ୍‌କୁ ବନ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କୁମ୍ଭୀରମାନଙ୍କ ପ୍ରଜନନପାଇଁ ପ୍ରାୟ ୩ ମାସ ପାଇଁ ଉଦ୍ୟାନ ବନ୍ଦ ରହିଥିଲା ।

## ଲକ୍ଷପତି ଦିଦି

ଅଣାଅଶୀତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଉପଲକ୍ଷେ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶାର ୩ ଜଣଙ୍କୁ ନିମନ୍ତ୍ରଣ କରାଯାଇଛି। ଭୁବନେଶ୍ୱରର ଜାତୀୟ

ପୁରସ୍କାରପ୍ରାପ୍ତ ଡକ୍ଟର ସତ୍ୟରଞ୍ଜନ ମିଶ୍ର ଏବଂ ଗଞ୍ଜାମରୁ ଗଣେଶ ଗୌଡ ଓ ଏସ୍. ଜ୍ୟୋତି ରେଡ୍ଡୀଙ୍କୁ ନିମନ୍ତ୍ରଣପତ୍ର ମିଳିଛି।

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ବ୍ଲକ କାଳିଆବାଲି ଗ୍ରାମର ଏସ୍. ଜ୍ୟୋତି ରେଡ୍ଡୀ ପ୍ରଧାନମନ୍ତ୍ରୀ ଲକ୍ଷପତି ଦିଦି ଯୋଜନାରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ନିମନ୍ତ୍ରଣପତ୍ର ପାଇବା ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି....

# - V/O –

## ଡାକସେବା ବନ୍ଦ

କୋରାପୁଟ ଡିଭିଜନ୍‌ରେ ଜୟପୁର ମୁଖ୍ୟ ଡାକଘର ସମେତ ସମସ୍ତ ଉପଡାକଘର, ଶାଖା ଡାକଘରରେ ଆସନ୍ତାକାଲି ଡାକସେବା ବନ୍ଦ ରହିବ। ଡାକବିଭାଗ ଦ୍ୱାରା ବ୍ୟବହୃତ ଏସ୍‌ଏସ୍‌ପି ସଫ୍ଟୱେର ବଦଳରେ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଆଧୁନିକ ଡାକବ୍ୟବସ୍ଥା ଓ ପ୍ରଯୁକ୍ତି ଆଇଟି-୨.୦ ସଫ୍ଟୱେର ପ୍ରଚଳିତ ହେବାକୁ ଯାଉଥିବାରୁ ଆସନ୍ତାକାଲି ଡାକସେବା ବନ୍ଦ ରହିବ। କୋରାପୁଟ ଡାକ ଡିଭିଜନ ଅଧିନରେ ଥିବା ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାରେ ଥିବା ଦୁଇଟି ମୁଖ୍ୟ ଡାକଘର ୬୬ଟି ଉପଡାକଘର, ୫୬୨ଟି ଶାଖା ଡାକଘର ବନ୍ଦ ରହିବ ବୋଲି ସୂଚନା ମିଳିଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଦୁଗ୍ଧ ଚାଷ ସମ୍ମିଳନୀ

**ନୂଆପଡ଼ା** ଜିଲ୍ଲା ଖଡିଆଳ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଦୁଗ୍ଧ ଚାଷୀମାନଙ୍କୁ ନେଇ ସମବାୟ ସମିତି ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୁଗ୍ଧ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଏବଂ ସେମାନଙ୍କୁ ଆତ୍ମନିର୍ଭର କରିବା ସମ୍ପର୍କରେ ସମ୍ମିଳନୀରେ  ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି ସହାୟତାରାଶି ପ୍ରଦାନ କରିବା ଉପରେ ସମବାୟ ସମିତି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଆଗାମୀ ଦିନରେ ନୂତନ ୧୫ଟି ଦୁଗ୍ଧ ସମବାୟ ସମିତି ଗଠନ କରି ୧୦ ହଜାର ଲିଟର ଦୁଗ୍ଧ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ସାଧାରଣ ପରିଚାଳକ ରଜନୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି  ।

*********************************